ପ୍ରେସ ରିଲିଜ୍

# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ପୁରୀ, ତା ୨୭.୬ :- ସୋସିଆଲ ମିଡ଼ିଆରେ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ, ପୁରାତନ ବିଗ୍ରହ ପାତାଳି ହେବାର ଦୃଶ୍ୟ, ଶ୍ରୀବିଗ୍ରହ ନିର୍ମାଣ ଇତ୍ୟାଦି କେତେକ ତଥ୍ୟ ବିହୀନ ଫଟୋ ଦେଖିବାକୁ ମିଳୁଛି, ଯାହାକି କେତେକ ସଂବାଦପତ୍ରର ପୃଷ୍ଠା ମଣ୍ଡନ ମଧ କରିଛି । ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟିକୁ ଆସିବା ପରେ ଏହାର ସତ୍ୟାସତ୍ୟ ସଂପର୍କରେ ଅନୁସନ୍ଧାନ କରାଯାଇଛି । ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ପାଇଁ ଏହି ଫଟୋଗୁଡ଼ିକ ସ୍ଥାନିତ କରାଯାଇଛି ବୋଲି ଜଣାଯାଇଛି । କୌଣସି ଫଟୋର ସତ୍ୟତା ନାହିଁ । ଦେଖାଯାଇଛି ଯେ ମାର୍ବଲ ପଥର ଉପରେ ହଳଦିଆ ରଂଗର ସିଲେଇ ହୋଇଥିବା କପଡ଼ା ଉପରେ ରଖାଯାଇଥିବା କୌଣସି ଏକ ବସ୍ତୁ ଉପରେ ଲାଇଟ୍ ପକାଯାଇ ଫଟୋ ଉତ୍ତୋଳନ କରାଯାଇଛି । ଶ୍ରୀମନ୍ଦିରସ୍ଥ ଅଣସର ପିଣ୍ଡି କିମ୍ବା ଏହାର ସମୀପବର୍ତ୍ତୀ ଅଞ୍ଚଳରେ ମାର୍ବଲ ଚଟାଣ ନାହିଁ କିମ୍ବା ଏପରି ସିଲେଇ ହୋଇଥିବା କପଡ଼ା ମଧ ଶ୍ରୀମନ୍ଦିରରେ ବ୍ୟବହାର କରାଯାଏ ନାହିଁ । ସେହିପରି କୋଇଲି ବୈକୁଣ୍ଠ ପରିସରକୁ ଅନୁଧ୍ୟାନ କଲେ ପୁରାତନ ବିଗ୍ରହଙ୍କର ପାତାଳି ଦୃଶ୍ୟ ଆଦୌ ପ୍ରମାଣସିଦ୍ଧ ନୁହେଁ । ଶ୍ରୀବିଗ୍ରହଙ୍କର ମୂର୍ତ୍ତି ନିର୍ମାଣ ଫଟୋ ମଧ ବିଭ୍ରାନ୍ତିକର ଅଟେ ।

ଏଣୁ ଉଦ୍ଦେଶ୍ୟମୂଳକ ଭାବେ ସୋସିଆଲ ମିଡ଼ିଆରେ ଦେଖାଯାଉଥିବା ଏପରି ଫଟୋଗୁଡ଼ିକ ଦେଖି ଜନସାଧାରଣ ବିଶ୍ୱାସ ନକରିବା ପାଇଁ କିମ୍ବା ବିଭ୍ରାନ୍ତ ନହେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି ।

ଗୁପ୍ତ ନୀତି ସମୟରେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ଯାଇଥିବା ସଂପର୍କରେ ବର୍ତ୍ତମାନ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଅନୁସନ୍ଧାନ ଜାରି ରହିଛି । ଯଦି କୌଣସି ବ୍ୟକ୍ତି ଏପରି ଫଟୋ ପାଆନ୍ତି ତେବେ ସଠିକ୍ ଅନୁସନ୍ଧାନ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନର ଲୋକସଂପର୍କ ଅଧିକାରୀଙ୍କୁ ମୋବାଇଲ୍ ଫୋନ୍ ( ୯୮୬୧୦୯୩୧୭୨ ) ଯୋଗେ ଜଣାଇବାକୁ ଅନୁରୋଧ ।

ଲୋକସମ୍ପର୍କ ଅଧିକାରୀ
ଶ୍ରୀଜଗନ୍ନାଥ ମନ୍ଦିର , ପୁରୀ